# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା

e-mail: tah.balia-od@nic.in

## ଇସ୍ତାହାର

ବିଜ୍ଞାପନ ସଂଖ୍ୟା 3199 ତାରିଖ 13.08.2020

## ଲଘୁଖଣିଜ ଉତ୍ସର ଦିର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ନଦୀ ବାଲି ଉତ୍ସ ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ସନ **୨୦୨୦-୨୦୨୧ ଆର୍ଥିକ ବର୍ଷ** ଠାରୁ **ସନ-୨୦୨୪-୨୦୨୫** ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ୨୦୧୬ ଆଇନନୁଯାୟୀ) ଫର୍ମ ନଂ "M ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଲଫାପାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ତହସିଲଦାର, ବାଲିଅନ୍ତାଙ୍କ ଠିକଣାରେ ତା- **୨୦.୦୮.୨୦୨୦ ଠାରୁ ତା ୦୩.୦୯.୨୦୨୦** ରିଖ ଅପରାହ୍ନ **୫:୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଏତଦ୍ ବ୍ୟତିତ ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ମଧ ତା- **୦୩. ୦୯.୨୦୨୦** ରିଖ ଦିବା **୧୦:୦୦** ଘଟିକା ଠାରୁ ଅପରାହ୍ନ **୫:୦୦** ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ପକାଇବା ପାଇଁ ସୁଯୋଗ ପ୍ରଦାନ କରାଯିବ । ଏବଂ ତା-**୦୪.୦୯.୨୦୨୦** ରିଖ ଦିବା **୧୧: ୦୦** ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟରେ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ ଯିଏ ଅନୁପସ୍ଥିତ ରହିବେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସୌରାତ ଉତ୍ସଗୁଡ଼ିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ଜିଲ୍ଲା ୱେବ ସାଇଟ୍ www.khordha.nic.in ରେ ଉପଲବ୍ଧ ଅଟେ । ଏତଦ୍ ବ୍ୟତିତ ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଖତମ ନ ହୁଏ, ତାହେଲେ ପରବର୍ତ୍ତି ତା **୨୧.୦୯.୨୦୨୦** ଓ ତା **୩୦. ୦୯.୨୦୨୦** ରିଖ ରେ ପର୍ଯ୍ୟାୟ କ୍ରମେ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

## ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦକୁ ଟ ୧୦୦୦/- ଏକ ହଜାର ଟଙ୍କାର ଟ୍ରେଜେରୀ ଚାଲାଣ ନିମ୍ନ ହେଡରେ ପ୍ରଦାନ କରିବେ । **Head of Account-"0853 Non Ferrous mining & Metallurgical Industries-102- Mineral concession fees, rent and royalties"** .
2. ସୌରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।
3. ଆବେଦନ କାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବାର୍ଷିକ ସ୍ଥିରିକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟର ୫% ହାରରେ ଆମାନତ ରାଶି (Earnest Money) ଦେୟ ଡିମାଣ୍ଡ ଡ୍ରାପ୍ଟ ଆକାରରେ ତହସିଲଦାର ବାଲିଅନ୍ତାଙ୍କ ନାମରେ ପୈଠ କରିବେ ।
4. Rule 27 (IV) of OMMC. Rule 2016 ମୁତାବକ ସଲଭେନସି ପ୍ରମାଣପତ୍ର (Solvency Certificate) କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟି (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରିକୃତ ହୋଇ ଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ପ୍ରଦାନ କରୁଥିବା ଅତିରିକ୍ତ ଦେୟର Additional Charges ମୂଲ୍ୟ ଠାରୁ କମ୍ ହୋଇନଥିବ ଏବଂ ଏଥି ସହିତ ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।
5. ଆବେଦନ କରିଥିବା ଲିଜ୍ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।
6. ନିଲାମଧାରୀ Mining Plan and Environmental Clearance ବାବଦକୁ ଦେୟ ପୈଠ କରିବାକୁ ହେବ । ଏହା ବ୍ୟତିତ ବିଜ୍ଞାପନ ବାବଦ ଖର୍ଚ୍ଚ ମଧ ବହନ କରିବେ ।

ସ୍ୱା/-

ତହସିଲଦାର, ବାଲିଅନ୍ତା

# ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
|---|---|---|---|---|---|---|---|---|---|---|---|
| କ୍ର ନଂ | ସୈରାତ ଉତ୍ସର ନାମ ଏବଂ କେଶ ନଂ | ମୌଜା | ଖାତା | ପ୍ଲଟ୍ | ରକବା | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ(per cum ) ଟଙ୍କାରେ | ଅତିରିକ୍ତ ଦେୟ ( Additional Charge cum ) ଟଙ୍କାରେ | M.GQ ଅନୁଯାୟ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money ର ପରିମାଣ ଟଙ୍କାରେ |
| 1 | କୁଶ ଭଦ୍ରା ନଦୀ ବାଲି M.M- କେଶ ନଂ- 04/20,21 | ଭିଙ୍ଗାରପୁର | 1162 | 918<br>192 | Ac10.00<br>Ac.4.00 | ନଦୀ<br>ନଦୀ | ବାଲି<br>ବାଲି | 35.00 | 25.00 | 5000 cum | 15000/- |
| 2 | କୁଶ ଭଦ୍ରା ନଦୀ ବାଲି - M.M-କେଶ ନଂ-08/20, 21 | ମହୁଖଣ୍ଡା | 529 | 1219 | Ac12.750 | ନଦୀ | ବାଲି | ଟ 35.00 | ଟ 25.00 | 2000 cum | 6000/- |

ସ୍ୱା/-

ତହସିଲଦାର, ବାଲିଅନ୍ତା